**୬୨୫୦ ଲିଟର ପୋଚ ନଷ୍ଟ, ମଦ ଜବତ**

ଖୁଣ୍ଟୁଣୀ (ଡି.ଏନ.ଏ.): କଟକ ଜିଲା ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ସରସ୍ୱତୀପୁର, ଶବର ବାଟିଆ ଓ ଖଣ୍ଡୁଆଳି ଗ୍ରାମ ନିକଟ ବଣିଆବନ୍ଧ ରିଜର୍ଭ ଫରେଷ୍ଟରେ ବେଆଇନ ଭାବେ ଚାଲିଥିବା ଦେଶୀମଦ କରିଡର ଉପରେ ଚଢ଼ାଉ କରାଯାଇ ୬,୨୫୦ଲିଟର ଗୁଡ଼ ପୋଚ ସହିତ ୧୨୦ ଲିଟର ଦେଶୀ ମଦକୁ ଜବତ କରାଯାଇଛି। ଜବତ ଗୁଡ଼ ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଜିଲା ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**କଣ୍ଟାପଡ଼ା, ୨୩।୭(ଡି.ଏନ.ଏ.):** କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଛାତ୍ରାବାସର ୨୧୫ ନଂ. ରୁମ୍‌ରୁ ବିପିଓ ୩୦ ବ୍ୟାଚ୍ ଶେଷବର୍ଷର ଜଣେ ଛାତ୍ରଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ଜବତ କରିଛି। ମୃତକ ହେଲେ ଏସ୍. ରାଜେଶ କୁମାର। ତାଙ୍କ ଘର ଗଞ୍ଜାମ ଜିଲା ଆସ୍କା ବାବନପୁର ଗ୍ରାମରେ ବୋଲି ତଦନ୍ତରୁ ଜଣାପଡିଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଛି। ଏ ନେଇ ଓଲଟପୁର ଥାନାରେ ଅପମୃତ୍ୟୁ ମାମଲା(ନଂ ୭/୨୧) ରୁଜୁ ହୋଇଛି। ରାଜେଶ ରୁମ୍‌ରେ ଏକୁଟିଆ ଥିଲେ। ଶୁକ୍ରବାର ସକାଳେ ଅନ୍ୟ ସହପାଠୀମାନେ ତାଙ୍କ ରୁମ୍ କବାଟ ବାଡେଇଥିଲେ। ସେ କବାଟ ନ ଖୋଲିବାରୁ ଜଣେ ଛାତ୍ର ସ୍କାଏ ଲାଇଟ୍‌ପଟେ ତାଙ୍କୁ ବେଡ୍‌ସିଟ୍ ସାହାଯ୍ୟରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଛାତ୍ରାବାସ ସିକ୍ୟୁରିଟି ଗାର୍ଡ ପହଞ୍ଚି କବାଟ ଭାଙ୍ଗି ରାଜେଶଙ୍କୁ ନିର୍‌ତାର ବହିର୍ବିଭାଗକୁ ନେଇଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଧବାଙ୍କୁ ବଳାତ୍କାର ଘଟଣା: ଯୁବକ ଗିରଫ

**କଟକ ଅଫିସ, ୨୩।୭:** ବିଧବାଙ୍କୁ ବଳାତ୍କାର କରିବା ଘଟଣାରେ ଜଗତ୍‌ପୁର ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ବୈରୀ ଥାନା ଅଞ୍ଚଳର ମାନସ ସାହୁ। କଟକ ଜିଲା ୪୨ ମୌଜା ଅଞ୍ଚଳର ଜଣେ ବିଧବା ମହିଳା ପାରିବାରିକ କଳହକୁ ନେଇ ଜଗତ୍‌ପୁର ଅଞ୍ଚଳରେ ଘର ଭଡା ନେଇ ରହୁଥିଲେ। ଏଥିସହ ସେ ଏକ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରି ଚଳୁଥିଲେ। ମାନସ ମଧ ଉକ୍ତ ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। ସେଠାରେ ଉଭୟଙ୍କ ମଧରେ ପରିଚୟ ହୋଇଥିଲା। ପରେ ସେ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ। କିଛିଦିନ ପରେ ମହିଳାଙ୍କଠାରୁ ମାନସ ୩୦ହଜାର ଟଙ୍କା ଘର କରିବାକୁ ନେଇ ଫେରାର ହୋଇଯାଇଥିଲେ। ଘଟଣାର ଦୁଇମାସ ପରେ ଯୁବକ ଜଣକ ବିଳମ୍ବିତ ରାତିରେ ମହିଳାଙ୍କ ଘରେ ପଶି ଛୁରି ଦେଖାଇ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଗର୍ଭବତୀ ଥିବା ଜାଣିବା ପରେ ଗୁରୁବାର ଜଗତ୍‌ପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେସ୍ ନଂ.୨୮୬/୨୧) ରୁଜୁ କରିଥିଲା।

### ବିଦ୍ୟାଳୟ ପରିସରରେ ଚାରାରୋପଣ

**କଟକ ଅଫିସ,୨୩।୭ :** ଉରାଳି ପଞ୍ଚାୟତ ଅନ୍ତର୍ଗତ ନଛିପୁର ଉ.ପ୍ରା. ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ମଲ୍ଲିକ, ଗ୍ରାମ କମିଟି ସଭାପତି ରମେଶ ଚନ୍ଦ୍ର ବେହେରା ଓ ସମ୍ପାଦକ ତପନ ପାତ୍ର ପ୍ରମୁଖ ଚାରାରୋପଣ କରିଥିଲେ। ସେହିପରି ସଇନ୍ଦା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଉରାଳି ସରପଞ୍ଚ ଆଶାଲତା ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ରଥ, ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସାହୁ, ସମାଜିକକର୍ମୀ ପ୍ରଦୀପ୍ତ ଦାସ, ମହେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତିର ସ୍ୱଚ୍ଛ ଓ ସବୁଜ ଅଭିଯାନର ସଂଯୋଜକ ଡ. ପ୍ରଦୀପ ରଥ, ରଘୁନାଥ ପୃଷ୍ଟି, ଇଂ.ମନୋରଞ୍ଜନ ମିଶ୍ର, ନମିତା ମହାପାତ୍ର, ପ୍ରଫେସର ଶୈଳବାଳା ଦେବୀ, ଇଂ. ଶୈଳେନ ପାତ୍ର, ପରିବେଶବିତ୍ କ୍ରିଷ୍ଣାଙ୍ଗ ପାତ୍ର, କବିତା ଦାସ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ସିଡୀ ଦାଖଲ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ

**ନକଲି ଔଷଧ କାରବାର ମାମଲା**



କଟକ ଅଫିସ,୨୩।୭

କଟକ ନକଲି ଔଷଧ କାରବାରର ମୁଖ୍ୟ ଅଭିଯୁକ୍ତ ଶିବ ପ୍ରସନ୍ନ ଜେନାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଜେନା ଓ କର୍ମଚାରୀ ସତ୍ୟପ୍ରକାଶ ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣିବେଳେ ହାଇକୋର୍ଟ କେସ୍ ଡାଏରୀ (ସିଡୀ) ଦାଖଲ ପାଇଁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସତ୍ୟପ୍ରକାଶଙ୍କର ତାରିଖ ଥିବାବେଳେ ଶୁକ୍ରବାର ଶୁଭଲକ୍ଷ୍ମୀଙ୍କର ଜାମିନ ଆବେଦନର ଶୁଣାଣି ରହିଥିଲା। ଜଷ୍ଟିସ ଦେବବ୍ରତ ଦାଶ ଏହି ଶୁଣାଣି କରିଛନ୍ତି। ହାଇକୋର୍ଟ ଉକ୍ତ ମାମଲାର ସିଡି ମଗାଇବା ସହ ଆସନ୍ତା ୨ ସପ୍ତାହ ପରେ ଏହାର ଶୁଣାଣି ହେବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୧ରେ କଟକ କନିକା ଛକରେ ଥିବା ଶିବଙ୍କର ଔଷଧ ବିତରଣ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ରେ ଡ୍ରଗ୍ସ କଂଟ୍ରୋଲର ଚଢାଉ କରି ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାବିପିରାଭିର ଓ ଅନ୍ୟ କିଛି ଔଷଧ ଜବତ କରିଥିଲେ। ଏହି କମ୍ପାନୀ ମୁମ୍ବାଇର ମାକ୍ସ ରିଲିଫ ହେଲଥ କେୟାର କମ୍ପାନୀରୁ ବହୁ କମ୍ ଦାମରେ ଔଷଧ ଆମଦାନୀ କରୁଥିଲା। ଏପରିକି ଷ୍ଟ୍ରିପ ପିଛା ୬୫ ଟଙ୍କାରେ କିଣି ୧୨୯୦ ଟଙ୍କା ଲେଖାଏଁ ବିକ୍ରି କରିବାକୁ ଯୋଜନା କରୁଥିବା ତଦନ୍ତବେଳେ ଜଣାପଡିଥିଲା। ପରେ ନକଲି ଔଷଧ କାରବାର ଘଟଣାରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଶିବ, ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ ଓ ୨ କର୍ମଚାରୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା।

# ଖୁବ୍‌ଶୀଘ୍ର ଭୁବନେଶ୍ୱର ଷ୍ଟେଶନର ପୁନର୍ବିକାଶ

ଭୁବନେଶ୍ୱର,୨୩।୭



**କ୍ଷେତ୍ର ପରିଦର୍ଶନ କଲେ ମହାପ୍ରବନ୍ଧକ**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଶୁକ୍ରବାର ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରିବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସ୍ଥାନ, ବିଭିନ୍ନ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକୁ ବୁଲି ଦେଖିଥିଲେ। ଏହି ଅବସରରେ ସେ କହିଲେ, ଭୁବନେଶ୍ୱର ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହାକୁ ବିଶ୍ୱସ୍ତରୀୟ ଷ୍ଟେଶନରେ ପରିଣତ କରିବାକୁ ରେଳପଥ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବିମାନବନ୍ଦର ଭଳି ଯାତ୍ରୀ ଓ ଅନ୍ୟାନ୍ୟ ସମସ୍ତ ସୁବିଧା ଏହି ଷ୍ଟେଶନରେ ରହିବ। ଏହାବାଦ ଷ୍ଟେଶନକୁ ଏକ ବ୍ୟବସାୟିକ ହବ୍‌ରେ ମଧ୍ୟ ପରିଣତ କରାଯିବ। ଷ୍ଟେଶନର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ସୁନ୍ଦର ଆଲୋକ ବ୍ୟବସ୍ଥା, ଉନ୍ନତ ସଙ୍କେତ ଏବଂ ୱେଟିଂ ହଲ୍ ଭଳି ସୁବିଧା ମଧ ରହିବ। ଯାତ୍ରୀଙ୍କୁ ଆକୃଷ୍ଟ କରିବା ସହ ଷ୍ଟେଶନକୁ ଭ୍ରମଣ କରିବାକୁ ଆସୁଥିବା ଲୋକଙ୍କୁ ଆହୁରି ଅଧିକ ସୁବିଧା ଯୋଗାଇ ଦିଆଯିବ। ଏହା ବ୍ୟତୀତ ଷ୍ଟେଶନ ବାହାରେ ଥିବା ଖାଲି ସ୍ଥାନଗୁଡ଼ିକୁ ମଧ ବିକଶିତ କରାଯିବ। ଜଳ ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥାର ଉନ୍ନତୀକରଣ କରାଯିବ। ସେହିପରି ପ୍ଲାଟ୍‌ଫର୍ମ-୬ ପାର୍ଶ୍ୱରେ ଅଧିକ ପାର୍କିଂ ସ୍ଥାନ ଚିହ୍ନଟ କରାଯାଇ ଯାତ୍ରୀଙ୍କ ସୁବିଧା ପାଇଁ ବିକାଶ କରାଯିବ। ରାଜ୍ୟ ସରକାର ଓ ପୂର୍ବତଟ ରେଳପଥ ମଧରେ ଭୁବନେଶ୍ୱର ଷ୍ଟେଶନର ପୁନର୍ବିକାଶ ନେଇ ଏକ ରାଜିନାମା ୨୦୧୯ ସେପ୍ଟେମ୍ବରରେ କରାଯାଇଥିଲା। ଏଥିରେ ଷ୍ଟେଶନର ବିକାଶ ସାଙ୍ଗକୁ ଶପିଂ କମ୍ପ୍ଲେକ୍ସ, ରେଷ୍ଟୁରାଣ୍ଟ, ପାର୍କିଂ ଏବଂ ଅନ୍ୟାନ୍ୟ ସୁବିଧା ଆଦି ଯୋଗାଇ ଦେବାର ଲକ୍ଷ୍ୟ ରହିଥିଲା। ସେହିଭଳି ଷ୍ଟେଶନକୁ ଆଉ ଦୁଇଟି ଅତିରିକ୍ତ ଲାଇନ ନିର୍ମାଣ କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା ଚାଲିଛି। ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏବଂ ଯୋଜନା ମଧ ପ୍ରସ୍ତୁତ କରାଯାଇଛି। ଚୂଡ଼ାନ୍ତ ହେବା ପରେ ଟେଣ୍ଡର ହେବ। ଆସନ୍ତା ୬ମାସ ମଧରେ ଯୋଜନା ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ବିଦ୍ୟାଭୂଷଣ କହିଛନ୍ତି।

# ପ୍ରତିରକ୍ଷା କାରଖାନା କର୍ପୋରେଟଙ୍କୁ ଟେକିଦେବା ବିରୋଧରେ ବିକ୍ଷୋଭ

କଟକ ଅଫିସ, ୨୩।୭

ଦେଶର ପ୍ରତିରକ୍ଷାର ସମସ୍ତ କାରଖାନାକୁ ଘରୋଇକରଣ କରି ଦେଶୀ ବିଦେଶୀ କର୍ପୋରେଟଙ୍କୁ ଟେକି ଦିଆଯାଉଛି। କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତି ବିରୋଧରେ ଏଆଇଡିଇଏଫ ସମେତ ତିନୋଟି ଫେଡେରେଶନ ଗତବର୍ଷ ଧର୍ମଘଟ ଡାକରା ଦେଇଥିଲା। କେନ୍ଦ୍ରୀୟ ଶ୍ରମ କମିଶନର ହସ୍ତକ୍ଷେପ କରି ଡକାଇଥିବା ବୈଠକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଗମୀକରଣ କରାଯିବା ପୂର୍ବରୁ ପ୍ରତିରକ୍ଷା କର୍ମଚାରୀ ଫେଡେରେଶନଗୁଡିକ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଧର୍ମଘଟ ସ୍ଥଗିତ ରଖାଯାଇଥିଲା। କିନ୍ତୁ ସରକାର ଦେଇଥିବା ପ୍ରତିଶ୍ରୁତିରୁ ଓହରିଯାଇ ନିଗମୀକରଣ କରିବେ ବୋଲି ଘୋଷଣା କରିଛନ୍ତି । ଏହାର ବିରୋଧ କରି ଗତ ଜୁନ୍ ୩୦ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବାକୁ ଘୋଷଣା କରାଯାଇଥିଲା । ଏହି ଧର୍ମଘଟକୁ ଦମନ କରିବା ପାଇଁ କେନ୍ଦ୍ର ସରକାର ଅଧାଦେଶ ଆଣିଛନ୍ତି । ଏହି ଅଧାଦେଶ ଦ୍ୱାରା ସମସ୍ତ ଆନ୍ଦୋଳନକୁ ନିଷିଦ୍ଧ କରାଯାଇଛି। ଧର୍ମଘଟ କଲେ ଜେଲ ଓ ଜରିମାନା କରାଯିବା ବ୍ୟବସ୍ଥା ରହିଛି।

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ଫେଡେରେଶନଗୁଡିକ ଏହାର ତୀବ୍ର ବିରୋଧ କରି କାରଖାନା ଘରୋଇକରଣ ପ୍ରତିବାଦରେ ସାରା ଦେଶରେ ପ୍ରତିବାଦ ଦିବସ ପାଳନ କରୁଛି। ଏହି କ୍ରମରେ ଶୁକ୍ରବାର କଟକ କଚେରିଗଡାଠାରେ ଏଆଇୟୁଟିୟୁସି, ସିଆଇଟିୟୁ, ଏଆଇଟିୟୁସି ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିନୋଦ ବେହେରା, ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ପାଭେଲ ପ୍ରିୟଦର୍ଶନ, ନବଘନ ପରିଡ଼ା, ଦୀପକ ଦାସ, ସସ୍ମିତା ମହାନ୍ତି, ଚନ୍ଦ୍ରକାନ୍ତ ବେହେରା ପ୍ରସନ୍ନ ମହାପାତ୍ର, ଅରକ୍ଷିତ ସ୍ୱାଇଁ, ସୁରେନ୍ଦ୍ର ସାହୁ, ରବୀନ୍ଦ୍ର ଦାସ ପ୍ରମୁଖ ସାମିଲ ହୋଇଥିଲେ।

# କାରଖାନା କର୍ତ୍ତୃପକ୍ଷ ଭୁଲିଗଲେ ଦାୟିତ୍ୱବୋଧତା

ଟାଙ୍ଗୀ(କଟକ) ୨୩।୭ (ଡି.ଏନ୍.ଏ.)

**ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କଲେ ସାମାଜିକ କର୍ମୀ**



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡାକ୍ତରଖାନା ଗୃହ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଉଚ୍ଚପଦା ପଞ୍ଚାୟତ ମଣିଆ ଗ୍ରାମରେ ଆରଏସ୍‌ବି ଟ୍ରାନ୍ସମିଶନ ଲିଃ ନାମକ କାରଖାନା ପରିଚାଳନା କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକଳାପ ସ୍ଥାନୀୟ ଗ୍ରାମବାସୀଙ୍କୁ ଅସନ୍ତୁଷ୍ଟ କରିଛି। ଏ ନେଇ ଗ୍ରାମର ସାମାଜିକ କର୍ମୀ ମନୋଜ ଖିଲାର ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ, ଶିଳ୍ପମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ ଅବଗତ ନିମନ୍ତେ କାରଖାନାର ଅବହେଳାକୁ ଟୁଇଟ୍ ମାଧ୍ୟମରେ ଜଣାଇ ଉଚିତ ପଦକ୍ଷେପ ନିମନ୍ତେ ଆଶା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି କାରଖାନାରେ ମୋଟ୍ ୮୦୦ ଶ୍ରମିକ କାମ କରନ୍ତି। ଆରମ୍ଭ ଦିନରୁ କାରଖାନା ପକ୍ଷରୁ ଡାକ୍ତରଖାନା ଖୋଲାଯାଇ ନିକଟସ୍ଥ ଗ୍ରାମବାସୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ସେବା, ଚକ୍ଷୁ ଚିକିତ୍ସା ସହ ମାଗଣା ଔଷଧ ଯୋଗାଉଥିଲା। ହେଲେ କିଛିବର୍ଷ ହେବ କାରଖାନା କର୍ତ୍ତୃପକ୍ଷ ଡାକ୍ତରଖାନା ଓ ଆମ୍ବୁଲାନ୍ସ ସେବା ବନ୍ଦ କରିଦେଇଛନ୍ତି। ଏବେ ଡାକ୍ତରଖାନା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ମନୋଜ କହିଛନ୍ତି, କାରଖାନା ନିୟମ-୨୦୧୩ ଅନୁସାରେ କାରଖାନା ଲାଭାଂଶର ଶତକଡା ୨ଭାଗ ସାମାଜିକ ଦାୟିତ୍ୱବୋଧତା ଦିଗରେ ଖର୍ଚ୍ଚ କରିବା କଥା। ଖର୍ଚ୍ଚ କିପରି ହେବ ତାହାର ଏକ ନକଲ ଜିଲାପାଳଙ୍କ ନିକଟରେ ଦାଖଲ କରି ଅନୁମୋଦନ କରିବାକୁ ବାଧ। ହେଲେ ଏଠାରେ ଜିଲା ପ୍ରଶାସନ ନିରବ ରହିବା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଖାନା କାଷ୍ଟିଙ୍ଗ ଏଚ୍‌ଆର ବାମଦେବ ମିଶ୍ର ଓ ସିଏସ୍‌ଆର୍ କର୍ତ୍ତୃପକ୍ଷ ସଚ୍ଚିକାନ୍ତ ତ୍ରିପାଠୀ କହିଛନ୍ତି, ରୋଗୀଙ୍କ ସଂଖ୍ୟା କମ୍ ହେବା ଯୋଗୁ ଡାକ୍ତରଖାନା ବନ୍ଦ କରିଦେଇଥିଲୁ। ଗ୍ରାମରେ ପହଞ୍ଚି ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ଦିଗରେ ଚେଷ୍ଟା କରିବୁ। ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯିବ। ଯଦି ଗୁରୁତର ଥିବା କାରଖାନାର ଡାକ୍ତର ଉପଲବ୍ଧ କରନ୍ତି, ତା'ହେଲେ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ।

# ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ : ୬ ବଖରା ଜଳିଗଲା

ଆଠଗଡ଼,୨୩।୭ (ସ୍ୱ.ପ୍ର.)

ଆଠଗଡ ବ୍ଲକ ରାଧାଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର (ଖୁଣ୍ଟାଡାବ) ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟୁତ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୬ ବଖରା ଜଳଯାଇଛି। ଏଥିରେ ସନାତନ ବେଉରା, ଅଜୟ ବେଉରା, ବିଜୟ ବେଉରା, ଅଞ୍ଜଳି ବେଉରା, ଦିନେଶ ବେଉରା ଓ ଅନସୂୟା ବେଉରାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିଯାଇଛି ବୋଲି ସେମାନେ କହିଛନ୍ତି। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଠିକ ସମୟରେ ପହଞ୍ଚି ଥିଲେ ମଧ କରୋନା ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହୋଇ ରାସ୍ତା ବ୍ଲକ ହୋଇଥିବାରୁ ଦମକଳ ଗାଡ଼ି ପୁନର୍ବାର ଫେରି ଅନ୍ୟ ରାସ୍ତା ଦେଇ ଆସିଥିଲା। ସେତେବେଳକୁ ସବୁ ଜଳିଯାଇଥିଲା।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସହଦେବ



@ ଜୀବନ



@ ସ୍ୱୟଂପ୍ରକାଶ



@ ଶାରୋନ



@ ସତ୍ୟ



@ ନୀଲେଶ

# ଶାଖା କେନାଲର ଗାର୍ଡୱାଲ ଭୁଶୁଡ଼ିଲା

ମାହାଙ୍ଗା,୨୩।୭ (ସ୍ୱ.ପ୍ର.)

- ୪ ଦିନ ପୂର୍ବେ ଆଉ ଏକ ଗାର୍ଡୱାଲ ଭୁଶୁଡି ଥିଲା
- ରକ୍ଷଣାବେକ୍ଷଣ ଅଭାବରୁ ଭୁଶୁଡିଥିବା ଅଭିଯୋଗ

ମାହାଙ୍ଗା ବ୍ଲକ ଦେଇ ଯାଇଥିବା ୮ ଏଫ୍ ଶାଖା କେନାଲର ୨୦ ଫୁଟ ଲମ୍ବ ବିଶିଷ୍ଟ ଗାର୍ଡୱାଲ ଶୁକ୍ରବାର ଅପରାହ୍ନରେ ଭୁଶୁଡି ପଡ଼ିଛି। କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧୀନରେ ଏହି କେନାଲ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହା ଭୁଶୁଡି ପଡ଼ିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଗୋତରାଠାରେ ଥିବା ଡିଆଁ ପୋଲର ବାମ ପଟ କେନାଲ ବନ୍ଧରେ ରାସ୍ତାକୁ ଲାଗି ୨୦ ଫୁଟ ଲମ୍ବର ଏହି ଗାର୍ଡ ୱାଲ ଥିଲା। ଏହା ଭୁଶିଡିବା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପାଚେରି ଭୁଶୁଡିବା ଯୋଗୁ ଏହାକୁ ଲାଗିଥିବା କଂକ୍ରିଟ ରାସ୍ତାଟି କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । କେନାଲର ତଦାରଖ ଓ ରକ୍ଷଣାବେକ୍ଷଣ କରିବା ନିମନ୍ତେ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀ ଥିଲେ ମଧ କେହି ଏଥିପ୍ରତି ଗୁରୁତ୍ୱ ଦେଇନାହାନ୍ତି ବୋଲି ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ଏହି କେନାଲର ବନ୍ଧର ଅନେକ ସ୍ଥାନ ଦୁର୍ବଳ ରହିଛି। ୪ ଦିନ ତଳେ ଏହି କେନାଲର ଗୋତରା ସେନାପତି ସାହିଠାରେ ଥିବା ଅନ୍ୟ ଏକ ଗାର୍ଡ ୱାଲ ଭୁଶୁଡି ପଡିଥିଲା। ବାରମ୍ବାର କେନାଲରେ ଘାଇ ହେଲେ ଖରିଫ ଫସଲ ପ୍ରଭାବିତ ହେବା ସମ୍ଭାବନାକୁ ଏଡ଼ାଇଦେଇ ହେବନାହିଁ।



# ବଢୁଛି ବାଲି ଚୋରାଚାଲାଣ

କଟକ ଅଫିସ, ୨୩।୭

- ନିୟମିତ ଚଢ଼ାଉ କରାଯାଉନାହିଁ
- ମାଲାମାଲ ହେଉଛନ୍ତି ଚୋରାଚାଲାଣକାରୀ
- ସରକାରଙ୍କ ରାଜସ୍ୱହାନି ହେଉଛି

କଟକର କେତେକ ବାଲିଘାଟରୁ ପ୍ରତିଦିନ ବହୁଳମାତ୍ରାରେ ବାଲି ଚୋରାଚାଲାଣ ହେଉଛି। ସ୍ଥାନୀୟ ତହସିଲ ଓ ପୋଲିସ ପକ୍ଷରୁ ନିୟମିତ ଭାବେ ଚଢାଉ କରାଯାଉ ନ ଥିବାରୁ ଏହାର ସୁଯୋଗ ନେଇ ଚୋରାଚାଲାଣକାରୀମାନେ ରାତିବେଳା ମହାନଦୀ, କାଠଯୋଡି, ୪୨ ମୌଜା, ବ୍ରହ୍ମପୁର, ନୂଆବଜାର, ବଗୁଲାପଡା, ପୋପରଡା ବାଲିଘାଟରୁ ହାଇୱା ଓ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚାଲାଣ କରୁଛନ୍ତି। ଏହାଦ୍ୱାରା ବାଲି ଚୋରାଚାଲାଣକାରୀ ମାଲାମାଲ ହେଉଥିବାବେଳେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱହାନି ଘଟୁଛି। ଗାଡିରେ ବାଲି ନେବାବେଳେ ପାଲ ଘୋଡାଇବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଉପରୋକ୍ତ ସ୍ଥାନଗୁଡିକରୁ ଖୋଲାରେ ନିଆଯାଉଥିବାରୁ ବାଲିଗୁଡିକ ରାସ୍ତାରେ ପଡୁଛି। ଏହାଦ୍ୱାରା ଯାତାୟାତରେ ସମସ୍ୟା ହେବା ସହ ବାଇକ୍‌ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ନୂଆବଜାର ଅଞ୍ଚଳର ବାସିନ୍ଦା ତଥା ସାମାଜିକ କର୍ମୀ ମିଳନ ପ୍ରଧାନ କହିଛନ୍ତି, ବାଲି ଚୋରାଚାଲାଣକାରୀଙ୍କ ସହିତ କେତେଜଣ ପ୍ରଶାସନିକ ଅଧିକାରୀ ଓ ନେତାଙ୍କ ସମ୍ପୃକ୍ତି ରହିଛି। ତେଣୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେହିପରି ବାଲି ଚାଲାଣ ସମ୍ପର୍କରେ ଆର୍‌ଟିଆଇରେ ତଥ୍ୟ ମଗାଗଲେ ମଧ ତାହା ଠିକ୍ ଭାବେ ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ କଟକ ସଦର ତହସିଲଦାର ସସ୍ମିତ୍ ଗଡନାୟକ କହିଛନ୍ତି, ସଦର ତହସିଲ ଅଧୀନରେ ମୋଟ୍ ୧୩ ବାଲିଘାଟ ରହିଛି। ସେଥିମଧ୍ୟରୁ ୧୧ଟି ନିଲାମ ହୋଇଛି। ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସାର୍ଟିଫିକେଟ ନ ମିଳିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନ୍ୟ ଦୁଇଟି ବାଲିଘାଟକୁ ନେଇ ହାଇକୋର୍ଟରେ ମାମଲା ରହିଛି। ବାଲି ଚୋରାଚାଲାଣ ସମ୍ପର୍କରେ ଖବର ମିଳିବା ପରେ ଚଢାଉ କରାଯାଉଛି। ଦୁଇ ସପ୍ତାହ ମଧରେ ୨୦ରୁ ଉର୍ଦ୍ଧ୍ୱ ଥର ବାଲିଘାଟଗୁଡିକ ଉପରେ ଚଢାଉ କରାଯାଇଛି। ଗତ ୧୮ ତାରିଖରେ କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜା ଝିଙ୍କିରିଆ ନିକଟ ସିଣ୍ଡୁଆ ନଦୀପଠାରୁ ବାଲି ଚୋରା ଚାଲାଣବେଳେ ୧୭ଟି ହାଇୱା ଓ ଗୋଟିଏ ପୋକ୍‌ଲିନ୍ ମେଶିନ ଜବତ କରାଯାଇଥିଲା। ୨୦୨୧ ଏପ୍ରିଲ ୧ରୁ ଜୁଲାଇ ୧୯ ମଧରେ ବେଆଇନ ବାଲି ଚାଲାଣ କରାଯାଉଥିବା ଗାଡ଼ିରୁ ୨୫ ଲକ୍ଷ ୮୩ ହଜାର ୫୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ସଂକ୍ଷେପରେ

### ମେଡିକାଲ ପରିସରରୁ ବାଇକ୍ ଚୋରି

**ଖୋର୍ଦ୍ଧା ଅଫିସ,୨୩।୭:** କିଛି ଦିନର ବ୍ୟବଧାନ ପରେ ଖୋର୍ଦ୍ଧା ସହରରେ ପୁଣି ବାଇକ୍ ଲୁଟେରା ମାତିଛନ୍ତି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଭାଲିଆବାଡିର ଝସକେତନ ମହାରଣା ଜଣେ ସମ୍ପର୍କୀୟଙ୍କ ଚିକିତ୍ସା ଲାଗି ବାଇକ(ଓଡି ୩୩ଇ ୬୫୫୬୯)ରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ନିରାମୟ କାଉଣ୍ଟର ଆଗରେ ବାଇକରେ ତାଲା ପକାଇ ମେଡିକାଲ ଭିତରକୁ ଯାଇଥିଲେ। ଚିକିତ୍ସା ସାରି ଫେରିବା ପରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ।

### ପ୍ରାଣୀ ଚିକିତ୍ସା ଶିବିର

**କୃଷ୍ଣପ୍ରସାଦ,୨୩।୭(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖିଆକୁଦି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଶୁକ୍ରବାର ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ଗୃହପାଳିତ ପଶୁଙ୍କ ରୋଗ ନିରାକରଣ ନିମନ୍ତେ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ କୃଷ୍ଣପ୍ରସାଦ ବ୍ଲକ ପ୍ରାଣୀ ଚିକିତ୍ସକ ଡା.ଦୟାନିଧି ବେହେରାଙ୍କ ସମେତ ଏକ ଟିମ୍ ୩ଶହରୁ ଊର୍ଦ୍ଧ୍ୱ ଗାଈ, ମଇଁଷି ଓ ବାଛୁରିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ପାରିକୁଦ ବନପାଳ ଜିତେନ୍ଦ୍ରିୟ ଜେନା, ବନରକ୍ଷୀ ସୁଜିତ୍ କୁମାର ବେହେରା, ସନ୍ତୋଷ ସେଠୀ, ରବୀନ୍ଦ୍ର ଜେନା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୩।୭(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଛତୁଆ ମିଶ୍ରଣ ଦିବସ ପାଳନ ହୋଇଯାଇଛି। ମା’ ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ରକ୍ଷା କରି ୫ଟି ପର୍ଯ୍ୟାୟରେ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡାସ୍ଥିତ ମା’ ପାଦୁକାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କୋଭିଡ୍ ଗାଇଡଲାଇନ ଅନୁଯାୟୀ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରୀ ପ୍ରମୁଖ ଏହି ମିଶ୍ରଣ କରିଥିଲେ। ବିଭାଗୀୟ ଅଧିକାରୀ ସାବିତ୍ରୀ ପଶ୍ଚିମକବାଟଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

### ଡିଏଭି ମହାବିଦ୍ୟାଳୟରେ ନୂତନ ଗୃହ ଉଦ୍‌ଘାଟିତ

**ନିରାକାରପୁର,୨୩।୭(ଡି.ଏନ୍.ଏ.):** ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଶୁକ୍ରବାର ୩ଟି ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ଏହି ଗୃହର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ମଣ୍ଡଳ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତରାୟ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ପାତ୍ର, ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅଶୋକ ବଳବନ୍ତରାୟ, ଡ.ଜୟନ୍ତ ବାନାର୍ଜୀ, ଡ.ପ୍ରଭାତ ଦାଶ, ଡ.ପ୍ରତାପ ପଟ୍ଟନାୟକ, ସୌରଭ ମହାପାତ୍ର, ଡ.ମୃତ୍ୟୁଞ୍ଜୟ ରଥ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଯୋଜନା ବୋର୍ଡ ଉପାଧକ୍ଷଙ୍କ ଦ୍ୱାରା ଚାରାରୋପଣ

**କୃଷ୍ଣପ୍ରସାଦ,୨୩।୭(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମାଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଡଅଁଳ ପଞ୍ଚାୟତ କାର୍ଯ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଡା.ସନ୍ତୋଷ ବେହେରା, ରବୀନ୍ଦ୍ର ଜେନା, ସତ୍ୟବ୍ରତ ସାହୁ, ଡା.ସୁଜ୍ଞାନୀ ମହାରଣା, ଲକ୍ଷ୍ମୀଧର ସାହୁ, ସୁରଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବ୍ରହ୍ମପୁର ପଞ୍ଚାୟତ ଭବାନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ମାଲୁଦ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ, କନ୍ଦାଖାଇ ଗ୍ରାମ୍ୟ ଉଦ୍ୟାନ, ବ୍ରାହ୍ମଣଦେଓ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା।

# ଆବଡ଼ାଖାବଡ଼ା ରାସ୍ତା, ନଦୀ ପାଣି ଭରସା

**ସମସ୍ୟା ଘେରରେ ଚନ୍ଦନପୁର ଗାଁ**

**ନିରାକାରପୁର,୨୩।୭(ଡି.ଏନ୍.ଏ.)**

ସରକାର ଗ୍ରାମାଞ୍ଚଳରେ ଗମନାଗମନ ଓ ପାନୀୟଜଳର ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଅନେକ ଗ୍ରାମରେ ଭଲ ରାସ୍ତା ନ ଥିବାରୁ ଯାତାୟାତରେ ହଇରାଣ ହେଉଥିବା ବେଳେ ପିଇବା ପାଣି ପାଇଁ ମଧ୍ୟ ଲୋକେ ହନ୍ତସନ୍ତ ହେଉଛନ୍ତି। କେଉଁଠି ଠିକାଦାରଙ୍କ ମନମାନି ତ’ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ପରିଚାଳନାରେ ତ୍ରୁଟି ଯୋଗୁ ଅନେକ ପ୍ରକଳ୍ପ ବ୍ୟର୍ଥ ଯାଉଛି। ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଚନ୍ଦନପୁର ଗ୍ରାମବାସୀଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି।

ସୂଚନାଥାଉ କି, ୪୦୦ ଜନସଂଖ୍ୟା ବିଶିଷ୍ଟ ଚନ୍ଦନପୁର ଗାଁକୁ ଯିବା ପାଇଁ ପକ୍କା ରାସ୍ତା ନାହିଁ। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ



ମହିଳାମାନେ ନଦୀରୁ ପାଣି ନେଉଛନ୍ତି।

ହେଉଛନ୍ତି। ବର୍ଷାଦିନେ ଗାଁ ଭିତରକୁ ଆମ୍ବୁଲାନ୍ସ ଆସିପାରୁ ନ ଥିବା ବେଳେ ପ୍ରାୟ ଦେଢ଼ କିଲୋମିଟର ଯିବାକୁ ପଡୁଛି ବୋଲି କେତେଜଣ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଟ୍ରେନରେ ଯାତ୍ରା କରିବା ପାଇଁ ଗୋଲବାଇ ଷ୍ଟେଶନ ନିକଟରେ ରହିଛି। ମାତ୍ର ଷ୍ଟେଶନକୁ ଯିବା ପାଇଁ ଭଲ ରାସ୍ତା ନ ଥିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ଯାତ୍ରା କରିଥାନ୍ତି। ମନ୍ଦାକିନୀ ନଦୀ ଉପରେ ଯାଇଥିବା ରେଳଧାରଣା ଉପରେ ପାର ହୋଇ ଷ୍ଟେଶନକୁ ଯାତାୟାତ କରୁଛନ୍ତି। ଅନେକ ସମୟରେ ଟ୍ରେନ୍ ଆସିଯିବାରୁ ଲୋକଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ଅନ୍ୟପକ୍ଷରେ ଏହି ଗ୍ରାମରେ ପାନୀୟଜଳ ପାଇଁ ସରକାରଙ୍କ ପକ୍ଷରୁ ୩ଟି ନଳକୂପ ମଞ୍ଜୁର ହୋଇଥିବା ବେଳେ ଗୋଟିଏ ଖରାପ ହୋଇ ପଡିରହିଛି। ଗ୍ରାମରେ ସରକାରୀ କୂଅ ନ ଥିବା ବେଳେ କେତେଜଣ ଗ୍ରାମବାସୀଙ୍କ ୮ଟି କୂଅ ରହିଛି। ତେବେ ଅନ୍ୟ କେତେଜଣ ଗ୍ରାମବାସୀ ମଲାଗୁଣୀ ନଦୀରୁ ଦୂଷିତ ପାଣି ଆଣି ବ୍ୟବହାର କରୁଛନ୍ତି। ବର୍ଷାଦିନେ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ରହିଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମରେ ପକ୍କା ରାସ୍ତା ଓ ପାନୀୟଜଳ ସମସ୍ୟା ଦୂର ପାଇଁ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ୨ଗାଁ ମୁହାଁମୁହିଁ

**ନିରାକାରପୁର,୨୩।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ସିକୋ ପଞ୍ଚାୟତ ଅନ୍ତର୍ଗତ ବୋରି ଗାଁ ତଳସାହି ଓ ଖଡ଼ିପଦର ଉପରସାହି ମଧ୍ୟରେ ଦୁଇବର୍ଷ ପୂର୍ବେ ହୋଇଥିବା ଠାକୁରଙ୍କ ବିଭୂତି ପୋଖରୀ ଖୋଳାକୁ ନେଇ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ଶୁକ୍ରବାର ବୋରି ଗାଁ ତଳସାହି ଲୋକେ ଉତ୍ୟକ୍ତ ହୋଇ ପୋଖରୀ ଓ ମନ୍ଦିରକୁ ଆସିବ ନାହିଁ ବୋଲି ବାରଣ କରିଥିଲେ। ଅନୁରୂପଭାବେ ଖଡିପଦର ଉପରସାହି ବାସିନ୍ଦା ମଧ୍ୟ ଆମ ମୌଜାରେ ଥିବା ତୁମ ଜମିକୁ କିମ୍ବା ଘରକୁ ଯିବ ନାହିଁ ବୋଲି କହିବାରୁ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଫଳରେ ସିକୋ ଫାଣ୍ଡିରେ ନ୍ୟାୟ ପାଇଁ ବୋରିଗାଁ ଗ୍ରାମବାସୀ ଧାରଣାଦେବାକୁ ଆସିଥିଲେ। ଫାଣ୍ଡି ଅଧିକାରୀ ଶଙ୍କର୍ଷଣ ଆଇଚ ସେମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଫେରିଆସିଥିବା ଜଣାପଡ଼ିଛି।

## ୧୫ଶହ ବର୍ଷର ପ୍ରାଚୀନ ମନ୍ଦିର ପୁନରୁଦ୍ଧାର ହେବ

**ପିପିଲି,୨୩।୭(ସ୍ୱ.ପ୍ର.)**

ପୁରୀ ଜିଲା ପିପିଲି ବ୍ଲକ ଅଧୀନ ବୀରପୁରୁଷୋତ୍ତମପୁର ମହାପାତ୍ର ସାହିରେ ଥିବା ଗତିଶ୍ୱର ଦେବଙ୍କ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ୧୫ଶହ ବର୍ଷର ସର୍ବପୁରାତନ ସ୍ୱପ୍ନେଶ୍ୱର ମନ୍ଦିରକୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ରକ୍ଷାଣବେକ୍ଷଣ ଓ ତା’ର ପୁନରୁଦ୍ଧାର କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ସୂଚନା ଥାଉକି, ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚର ହେରିଟେଜ(ଇନ୍‌ଟାକ) ଦ୍ୱାରା ବୀରପୁରୁଷୋତ୍ତମପୁର ମହାପାତ୍ର ସାହି ନିକଟରୁ ଏହି ପ୍ରାଚୀନ ମନ୍ଦିରର ସନ୍ଧାନ କରାଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ଶୁକ୍ରବାର ମନ୍ତ୍ରୀ ପାଣିଗ୍ରାହୀ ପ୍ରାଚୀନ ମନ୍ଦିର ନିକଟରେ ପହଞ୍ଚି ତା’ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ଦିରର ରକ୍ଷାଣବେକ୍ଷଣ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ଗ୍ରାମ୍ୟ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିବା ସହ ମନ୍ଦିର ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସର୍ବେକ୍ଷଣ ସଂସ୍ଥାର ଅଧୀକ୍ଷକ ଅଶ୍ୱିନୀ ଶତପଥୀ, ପିପିଲି ବ୍ଲକ ଆମ୍ବା କମିଟି ଅଧକ୍ଷ ଧରଣୀଧର ସାହୁ, ଯଶୁଆପୁର ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଧ୍ରୁବଚରଣ ପ୍ରଧାନ, ରୂପଦେଇପୁର ସରପଞ୍ଚ ପ୍ରଦୀପ୍ତ କୁମାର ମିଶ୍ର, ସରସ୍ୱତୀପୁର ସରପଞ୍ଚ ଅରୁଣ ଛାଟେଇ, ସାମାଜିକ କର୍ମୀ ବାମଦେବ ଦାଶ ଓ ଗୋପାଳ ରଥ, ଗ୍ରାମବାସୀ ଜଗନ୍ନାଥ ତ୍ରିପାଠୀ ଓ ବୁଦ୍ଧନାଥ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସ୍କୁଲ ବୁଲିଲେ, ଅଭିଭାବକଙ୍କୁ ବୁଝାଇଲେ



**ଖୋର୍ଦ୍ଧା ଅଫିସ,୨୩।୭**

ଜୁଲାଇ ୨୬ରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢା ଆରମ୍ଭ ହେବ। ଏନେଇ ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ପାଠପଢ଼ା ଆରମ୍ଭ ପୂର୍ବରୁ ବିଦ୍ୟାଳୟର ଭିତ୍ତିଭୂମି ଏବଂ ଅଭିଭାବକଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶୁକ୍ରବାର ବରିଷ୍ଠ ଶିକ୍ଷକ ଗୌରହରି ମିଶ୍ର ଏବଂ ସିଆରସିସି ଯୁଧିଷ୍ଠିର ସାହୁ ରାୟପୁର କ୍ଲଷ୍ଟରର ଜଙ୍କିଆର ଭାଗବତ ଦେବ ବିଦ୍ୟାପୀଠ, ଗୋଲାବାଇ ସ୍ଥିତ ଭଗବତୀ ସରକାରୀ ହାଇସ୍କୁଲ ଏବଂ ଓରବରସିଂର ଆଞ୍ଚଳିକ ସରକାରୀ ହାଇସ୍କୁଲ ପରିଦର୍ଶନ ସହ ସ୍ଥାନୀୟ ଅଭିଭାବକଙ୍କ ସହିତ ଆଲୋଚନା କରିଛନ୍ତି। ବିଦ୍ୟାଳୟର କ୍ଲାସରୁମ, ପରିବେଶ, ସ୍ୱଚ୍ଛତା, ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ଶୌଚାଳୟ, ନୋ ମାସ୍କ ନୋ ସ୍କୁଲ, ଥର୍ମାଲ ସ୍କ୍ରିନିଂ, କ୍ଲାସରୁମ ବିଶୋଧନ, ପାଠପଢା ସୂଚୀ, ବିଦ୍ୟାଳୟଠାରୁ କେତେ ଦୂରରେ ଚିକିତ୍ସାଳୟ ରହିଛି ଆଦି ଅନୁଧ୍ୟାନ କରିବା ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଏସଏମସି କମିଟି ସହ ଆଲୋଚନା କରିଛନ୍ତି। ଏଥିସହ ସମ୍ପୃକ୍ତ ବିଦ୍ୟାଳୟର କେଜେଣ ଅଭିଭାବକଙ୍କ ଘରକୁ ଯାଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ପିଲାଙ୍କୁ ମାସ୍କ, ସାନିଟାଇଜ ଏବଂ ୱାଟର ବୋତଲ ଗୁରୁତ୍ୱ ଦେବେ। ପାଠପଢ଼ା ସରିବା ପରେ ସିଧାସଳଖ ଘରକୁ ଫେରିବେ। କେଉଁଠି ବୁଲାବୁଲି କରିବେ ନାହିଁ। କାହା ସହିତ ମିଳାମିଶା କରିବେ ନାହିଁ, ଅନ୍ୟ କାହାର ୱାଟର ବୋତଲରୁ ପାଣି ପିଇବେ ନାହିଁ। ଏଥିପ୍ରତି ପିଲାଙ୍କୁ ସଚେତନତ କରିବା ଲାଗି ପରାମର୍ଶ ଦେଇଥିଲେ।

## ତହସିଲ ପକ୍ଷରୁ ବେଆଇନ ପାଚେରି ଉଚ୍ଛେଦ

**ଜଟଣୀ,୨୩।୭(ଡି.ଏନ୍.ଏ.)**

ଜଟଣୀ ପ୍ରେସକ୍ଲବ ଓ ଷ୍ଟଡ୍ସ ପାଠାଗାର ସମ୍ମୁଖରେ ଥିବା ବେଆଇନ ପାଚେରିକୁ ଶୁକ୍ରବାର ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ମୁତାବକ, ଜଟଣୀ ଟାଉନ୍ ଖାସମାହାଲ ମୌଜା ପ୍ଲଟ୍ ନଂ.୪୭ରେ ଷ୍ଟଡ୍ସ ପାଠାଗାର ରହିଛି। ପାଠାଗାରକୁ ଲାଗି କିଛି ବର୍ଷ ପୂର୍ବେ ବିଧାୟକ ପାଣ୍ଠିରେ କୌଣସି କାର୍ଯ୍ୟ ନିମନ୍ତେ ଏକ ଘର ନିର୍ମାଣ କରାଯାଇଥିଲା। ଏହି ଘର ଦୀର୍ଘବର୍ଷ ବନ୍ଦ ହେବାରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା। କେତେଜଣ ଯୁବକ ପ୍ରାୟ ୪ବର୍ଷ ହେବ ଉକ୍ତ ଗୃହକୁ ଖୋଲି ପ୍ରେସ୍ କାର୍ଯ୍ୟାଳୟ କରିଛନ୍ତି। ପାଠାଗରକୁ ଅବରୋଧ କରିବା ସହ ଆଗରେ ଥିବା ଏକ ସର୍ବସାଧାରଣ କୂଅକୁ ଅବରୋଧ କରି ପ୍ରେସକ୍ଲବ ପକ୍ଷରୁ ପାଚେରି ନିର୍ମାଣ ହୋଇଥିଲା। ଏନେଇ ଷ୍ଟଡ୍ସ ପାଠାଗାର ପକ୍ଷରୁ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ତହସିଲଦାର ପ୍ରେସ କାର୍ଯ୍ୟାଳୟ ସମ୍ପାଦକଙ୍କୁ ପାଚେରି କାର୍ଯ୍ୟ ବନ୍ଦ କରିବା ପାଇଁ ନୋଟିସ ଜାରି କରିଥିଲେ। ଜନସାଧାରଣଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରୁ ଶୁକ୍ରବାର ତହସିଲଦାର ତପନ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଏହି ବେଆଇନ ପାଚେରିକୁ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ବେଳେ ଆରଆଇ ଭାରତୀ ସାହୁ, ଜଟଣୀ ପୋଲିସ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଦୋକାନରୁ ଚୋରି

**ଜଟଣୀ,୨୩।୭(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ ଗଜପତିନଗର ଏବଂ ରେଡଙ୍ଗ କୋଲନୀ ମୁଖ୍ୟ ରାସ୍ତାରେ ରହିଥିବା ଦୁଇଟି ଦୋକାନରୁ ଦୁର୍ବୃତ୍ତମାନେ ଗୁରୁବାର ରାତିରେ ୪୨ହଜାର ଟଙ୍କା ଓ ସାମଗ୍ରୀ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ଲକି ବହି ଦୋକାନ ଏବଂ ଏକ ଗ୍ରସେରି ଦୋକାନରୁ ଚୋରି ହୋଇଛି। ଏନେଇ ବହି ଦୋକାନ ମାଲିକ ରଣଜିତ ରାୟ ଏବଂ ଗ୍ରସେରି ଦୋକାନ ମାଲିକ ପୁରୁଷୋତ୍ତମ ସାମନ୍ତରାୟଙ୍କ ଅଭିଯୋଗକୁ ଭିତ୍ତିକରି ଜଟଣୀ ପୋଲିସ ଶୁକ୍ରବାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସହଦେବ



@ ଜୀବନ



@ ସ୍ୱୟଂପ୍ରକାଶ



@ ଶାରୋନ



@ ସତ୍ୟ



@ ନୀଲେଶ

## ଦିବ୍ୟାଙ୍ଗ ଯୁବତୀଙ୍କୁ ଅନ୍ତଃସତ୍ତ୍ୱା ଅଭିଯୋଗ

**୨୪ ହଜାର ଟଙ୍କା ଠକେଇ, ଦୋକାନୀ ଗିରଫ**

**ବେଗୁନିଆ,୨୩।୭(ଡି.ଏନ୍.ଏ.)**

ଭିକ୍ଷା ବୃତ୍ତି କରି ଚଳୁଥିବା ବାଘମାରୀ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଏଥିସହ ଚାକିରିର ପ୍ରଲୋଭନ ଦେଖାଇ ତାଙ୍କଠାରୁ ୨୪ହଜାର ଟଙ୍କା ଠକେଇ ହୋଇଛି। ଏହି ଘଟଣାରେ ଶୁକ୍ରବାର ପୋଲିସ ଜଣେ ଲୁଗା ଦୋକାନୀଙ୍କୁ ଗିରଫ କରିଛି। ସେ ହେଲେ ବେଗୁନିଆ ଥାନା ଅଞ୍ଚଳର ତ୍ରିନାଥ ପ୍ରଧାନ(୪୫)। ପୋଲିସ ସୂଚନା ମୁତାବକ, ବାଘମାରୀ ଅଞ୍ଚଳର ଜଣେ ୨୬ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀ ଭିକ୍ଷା ବୃତ୍ତି କରି ଚଳୁଥିଲେ। ପରେ ସେ ତ୍ରିନାଥଙ୍କ ଲୁଗା ଦୋକାନରେ ଗତ କିଛି ଦିନ ହେବ କାମ କରୁଥିଲେ। ଧିରେ ଧିରେ ଯୁବତୀଙ୍କ ସହିତ ତ୍ରିନାଥଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ୭ମାସର ଅନ୍ତଃସତ୍ତ୍ୱା କରିଛନ୍ତି। ଏପରିକି ତାଙ୍କଠାରୁ ୨୪ହଜାର ଟଙ୍କା ତ୍ରିନାଥ ଠକେଇ କରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଘଟଣା ସମ୍ପର୍କରେ କେଉଁଆଡେ ଜଣାଇଲେ ଜୀବନରେ ଯୁବତୀଙ୍କୁ ମାରିଦେବା ପାଇଁ ଧମକ ଦେଇଥିଲେ। ଯୁବତୀ ଜଣଙ୍କ ଗତ ୩ଦିନ ପୂର୍ବେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିବା ବେଳେ ଶେଷରେ ଅନଲାଇନ୍ ମାଧ୍ୟମରେ ଯୁବତୀଙ୍କ ମା’ ନ୍ୟାୟ ପାଇଁ ଆବେଦନ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୪୦/୨୧) ରୁଜୁକରି ଅଭିଯୁକ୍ତଙ୍କୁ ଧରିଥିଲା। ପରେ ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଅଧିକ ତଦନ୍ତ ଚଳାଇଛି।

## ୨ ସପ୍ତାହ ପରେ ବି ହୋଇନି କାର୍ଯ୍ୟାନୁଷ୍ଠାନ

**■ ଖବରଦାତାଙ୍କୁ ଥାନାଧିକାରୀଙ୍କ ଗାଳିଗୁଲଜ ଘଟଣା**
**■ ୨୬ ରେ ଥାନା ସମ୍ମୁଖରେ ଧାରଣା ନିଷ୍ପତ୍ତି**

**ଗୋପ,୨୩।୭(ଡି.ଏନ୍.ଏ.)**

ଗୋପ ଥାନାଧିକାରୀ ସ୍ଥାନୀୟ ଅଞ୍ଚଳର ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଗାଳିଗୁଲଜ କରିବା ଘଟଣାକୁ ୨ ସପ୍ତାହ ବିତିଗଲାଣି। ତଥାପି ଥାନାଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସାମ୍ବାଦିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଗୋପ ଜଳସମ୍ପଦ ଡାକବଙ୍ଗଳାରେ ଜିଲା ଓ ରାଜ୍ୟସ୍ତରୀୟ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ୨୬ ତାରିଖରେ ଗୋପ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ଗୋପ ଥାନାଧିକାରୀଙ୍କ ଏକ ଭିଡିଓ ଭାଇରାଲ ଖବରକୁ ନେଇ



ସମ୍ମିଳନୀରେ ଯୋଗ ଦେଇଥିବା ଖବରଦାତା।

ଖବରଦାତା ସୁବାସ ରଞ୍ଜନ ସେନାପତିଙ୍କ ଜରିଆରେ ଖବରଦାତା ସନ୍ତୋଷ ରାୟଙ୍କୁ ଗାଳିଗୁଲଜ କରିଥିଲେ। ଥାନାଧିକାରୀଙ୍କ ଏଭଳି ମନ୍ତବ୍ୟକୁ ଜିଲା ଓ ରାଜ୍ୟ ଖବରଦାତାମାନେ ନାପସନ୍ଦ କରିବା ସହ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ସମାଧାନ କରିବାକୁ ଉଦ୍ୟମ କରିବାବେଳେ ସାମ୍ବାଦିକ ସଂଘ ପକ୍ଷରୁ ଥାନାଧିକାରୀଙ୍କୁ ବଦଳି ପାଇଁ ଦାବି କରିଥିଲେ। ଏହି ଦାବିକୁ ରଥଯାତ୍ରା ପରେ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଦୀର୍ଘ ୨ ସପ୍ତାହ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରେ ଶୁକ୍ରବାର ସଂଘ ପକ୍ଷରୁ ପୁଣି ଦାବି କରାଯାଇଛି। କାର୍ଯ୍ୟାନୁଷ୍ଠାନ ନ ନିଆଯିବ ପର୍ଯ୍ୟନ୍ତ ଧାରଣା ଓ ପ୍ରତିବାଦ ସଭା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ପେଷାଦାର ସାମ୍ବାଦିକ ସଂଘ ର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସାମ୍ବାଦିକ ଅଖୟ କୁମାର ନାୟକ,ଶରତ କୁମାର ସେନାପତି, ଜ୍ୟୋତିରାଜ ମହାନ୍ତି, ଅରୁଣ ରାଉତ, ପ୍ରତାପ ଚନ୍ଦ୍ର କାଣ୍ତି, ରଞ୍ଜନ ପଟ୍ଟନାୟକ, ରାଜକିଶୋର ଦାଶ, ବିଭୁତି ଭୁଷଣ ମହାପାତ୍ର, ଆଦିତ୍ୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ପୃଥକ୍ ମାମଲାରେ ୩ ଗିରଫ

ପୁରୀ ଅଫିସ : ବିଦ୍ୟୁତ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୁରୀ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଛକାଳୀ ଲେନର କାଶୀନାଥ ବାରିକ ଓ ହରଚଣ୍ଡୀ ସାହିର ସୁଜିତ ମଣ୍ଡଳ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଏନେଇ କେସ୍ ନଂ.୧୯୫/୨୧ରେ ମାମଲା ରୁଜୁ ହୋଇଛି। ସେହିପରି ବେଆଇନ ଭାବେ ବିଦେଶୀ ମଦ ବିକ୍ରି ଅଭିଯୋଗରେ ଅବକାରୀ ବିଭାଗ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସମୁଦ୍ରକୂଳ ଥାନା ଅଧୀନ ବାଲିନୋଳିଆ ସାହିର ବି.ଲୋକନାଥ। ତାଙ୍କଠାରୁ ୧୩.୫୫ ଲିଟର ମଦ ଜବତ ହୋଇଛି। ଏ ନେଇ କେସ୍ ନଂ. ୨୭/୨୧ ରୁଜୁ କରାଯାଇଛି।







ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି ବିଜେ କରାଯାଉଛି ।



ରଥାରୂଢ଼ ମହାପ୍ରଭୁଙ୍କୁ ରସଗୋଲା ଭୋଗ ଅର୍ପଣ କରାଯାଉଛି ।



ରାମ, କୃଷ୍ଣଙ୍କ ପହଣ୍ଡି ବିଜେ ।



ମଦନ ମୋହନଙ୍କ ପହଣ୍ଡି ବିଜେ ।



ମହାଲକ୍ଷ୍ମୀ ଓ ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ କରାଯାଉଛି ।



ରଥରେ ମୁଦିରସ୍ତ ଆଳତି ସାରି ଫେରୁଛନ୍ତି ।



ମହାପ୍ରଭୁଙ୍କ ସିନ୍ଦୁକ ନିଆଯାଉଛି ।




୨୩।୦୭।୨୦୨୧

୪୨୨୪ ଟଙ୍କା

## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ବ୍ରହ୍ମଗିରି,୨୩।୭(ଡି.ଏନ୍.ଏ.)- ବ୍ରହ୍ମଗିରି ବ୍ଲକ ଗଡ଼ରୋଡଙ୍ଗ ପଞ୍ଚାୟତର ସଅରସାହି ଛକ ଠାରୁ ହେଙ୍ଗୁଳା ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଗ୍ରାମ୍ୟ ନିର୍ମାଣ ବିଭାଜନ ତରଫରୁ ପ୍ରାୟ ସାଢେ ୩ କୋଟି ଟଙ୍କା ବ୍ୟୟ ହୋଇଛି। ଶୁକ୍ରବାର ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ସମ୍ପୃକ୍ତ ବିଭାଗ ତରଫରୁ ଶୁକ୍ରବାର ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଧାୟକ ସମୟ ଅନୁସାରେ ଯୋଗଦେଇ ଫଳକ ସ୍ଥାପନ କରିଥିଲେ। କିନ୍ତୁ ବିଭାଗର କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନ ଥିଲେ। ପ୍ରାୟ ୩ ଘଣ୍ଟା ଅପେକ୍ଷା ପରେ ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ପହଞ୍ଚିବାରୁ ବିଧାୟକ ନାପସନ୍ଦ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଅନ୍ତର୍ଯାମୀ ପରିଡ଼ା, ପ୍ରସନ୍ନ କୁମାର ପଲାଇ, ଦୁଃଶାସନ ପାତ୍ର, ଅଧିକାରୀ ନାୟକ, ମାନସୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୨୩।୭: ଭାଜପା ପୁରୀ ଶାଖା ଶରଧାବାଲି ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରଧାବାଲି ମଣ୍ଡଳର ସଭାପତି ସଞ୍ଜୀବ ମୁଖାର୍ଜୀ ସଭାପତିତ୍ୱ କରିଥିବାବେଳେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ କୁମାର ଚୁଗ ଦେଇଥିଲେ। ତୃଣମୂଳ ସ୍ତରରୁ ସଙ୍ଗଠନକୁ ଅଧିକ ସୁଦୃଢ଼ କରାଯିବା ନେଇ ଆଲୋଚନା ହୋଇଥିଲା। ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଜିଲା ପ୍ରଭାରୀ ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଙ୍ଗଠକ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ନ୍ୟାଶନାଲ କାଉନସିଲ ସଦସ୍ୟ ମଧୁସୂଦନ ସିଂହାରୀ, ଯୁବନେତା ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳ ଉପସଭାପତି ଧିରେନ ରାଏ ଧନ୍ୟବାଦ ଦେଇଥିଲେ।

# ୮ଜଣଙ୍କୁ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାର



ପୁରସ୍କୃତ ଶିଳ୍ପୀଙ୍କ ସହ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୩।୭ (ବ୍ୟୁରୋ)

### ୪ଜଣ ପାଇଲେ 'ରାଜ୍ୟସ୍ତରୀୟ ଫଟୋଗ୍ରାଫି ପୁରସ୍କାର'

ଓଡ଼ିଶା ଲଳିତ କଳା ଏକାଡେମୀର ୩୯ତମ ପୁରସ୍କାର ପ୍ରଦାନ ଉତ୍ସବ ଶୁକ୍ରବାର ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୮ଜଣ ଚିତ୍ରଶିଳ୍ପୀଙ୍କୁ 'ଓଡ଼ିଶା ଲଳିତ କଳା ପୁରସ୍କାର-୨୦୨୧' ଓ ୪ଜଣଙ୍କୁ 'ରାଜ୍ୟସ୍ତରୀୟ ଫଟୋଗ୍ରାଫି ପୁରସ୍କାର-୨୦୨୦' ପ୍ରଦାନ କରାଯାଇଛି। 'ସୃଜନଶୀଳ ଚିତ୍ର'ରେ ଅନୁପ କୁମାର ଚାନ୍ଦ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ଜ୍ୟୋତି ପ୍ରକାଶ ସେଠୀ, 'ଭାସ୍କର୍ଯ୍ୟ'ରେ ବିଶ୍ୱରଞ୍ଜନ କର ଓ ସୁଧିରଞ୍ଜନ ମହାରଥା, 'ମୁଦ୍ରଣ କଳା'ରେ ସୁଜିତ କୁମାର ସ୍ୱାଇଁ ଓ ବିକାଶ ଚନ୍ଦ୍ର ସେନାପତି ଏବଂ 'ପାରମ୍ପରିକ କଳା'ରେ ପ୍ରମୋଦ କୁମାର ମହାରଣା ଏକାଡେମୀ ପୁରସ୍କାର ପାଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ରାଶି ସ୍ୱରୂପ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ଚେକ୍, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଛି। ସେହିଭଳି ସଞ୍ଜିତ ପଟ୍ଟନାୟକ, ନିରଞ୍ଜନ ପଣ୍ଡା, ଉଦୟନ ସାରଥି ବେହେରା ଓ ମନୀଷ ରଞ୍ଜନ ସାହୁଙ୍କୁ 'ରାଜ୍ୟସ୍ତରୀୟ ଫଟୋଗ୍ରାଫି ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୫୦ହଜାର ଟଙ୍କାର ଚେକ୍ ସହ ମାନପତ୍ର ଓ ଉପଢ଼ୌକନ ଦିଆଯାଇଛି। ଏଥିସହ ୮ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ଉପଢ଼ୌକନ, ମାନପତ୍ର ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ତଥା ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଏକାଡେମୀର ଓଏସ୍‌ଡି ମନସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀ ସଚିବ ପଞ୍ଚାନନ ସାମଲ ପରିଚାଳନା କରିଥିଲେ।

# ସରକାର ଦାବି ନ ମାନିଲେ ୧ରୁ ଆନ୍ଦୋଳନ

ପୁରୀ ଅଫିସ, ୨୩।୭:

### ଲାବୋରେଟୋରି ଟେକ୍ନିସିଆନ ସଂଘର ଚେତାବନୀ

ଓଡ଼ିଶା ଲାବୋରେଟୋରି ଟେକ୍ନିସିଆନ ସଂଘର ବୈଠକ ଶୁକ୍ରବାର ଭର୍ଚ୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସରକାର ସଂଘର ଦାବିଗୁଡ଼ିକୁ ଅଣଦେଖା କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। କ୍ୟାଡର ରୁଲର ପରିବର୍ତ୍ତନ, ସିନିୟର ଟେକ୍ନିସିଆନଙ୍କୁ ପ୍ରଶିକ୍ଷଣ, କନିଷ୍ଠ ଓ ବରିଷ୍ଠ ମାଇକ୍ରୋ ବାୟୋଲୋଜିଷ୍ଟ ମେଡିକାଲ କଲେଜରେ ରିସର୍ଚ୍ଚ ଆସିଷ୍ଟାଣ୍ଟଙ୍କୁ କ୍ୟାଡର ରୁଲରେ ସ୍ଥାନିତ କରାଯିବା, କନିଷ୍ଠ ଟେକ୍ନିସିଆନଙ୍କ ଗ୍ରେଡେସନ ଓ ପଦୋନ୍ନତି ଦେବା ପାଇଁ ଦାବି କରାଯାଇଛି। ପୂର୍ବରୁ ବିଭିନ୍ନ ସ୍କିମ୍ ଓ ସୋସାଇଟି ଅଧୀନରେ କାର୍ଯ୍ୟ କରୁଥିବା ପ୍ରାଇଭେଟରେ ପାସ୍ ଆଉଟ ଏଲ.ଟି ମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦେଇ ସରକାର କାର୍ଯ୍ୟ ହାସଲ କରୁଛନ୍ତି ଯାହା ନିମ୍ନମାନର ଚିକିତ୍ସାକୁ ପ୍ରୋତ୍ସାହନ ଦେଉଛି। କୋଭିଡ୍ ପରିଚାଳନାରେ ଏଲ.ଟିମାନଙ୍କର ଭୂମିକା ପ୍ରଶଂସନୀୟ। ଜୀବନକୁ ବାଜି ଲଗାଇ ସେମାନେ ଦିନରାତି ରୋଗୀ ସେବାରେ ରହିଛନ୍ତି ଓ ରହିବେ। ତେଣୁ ସରକାର ସେମାନଙ୍କ ଦାବିଗୁଡ଼ିକ ସହୃଦୟତାର ସହିତ ବିଚାର କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଦାବି ପୂରଣ ନ ହେଲେ ଅଗଷ୍ଟ ୧ରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଘର ଘର ବୁଲି ସର୍ଭେ କରିବାକୁ ଦାବି

କାକଟପୁର,୨୩।୭(ଡି.ଏନ୍.ଏ.)

କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ଏବେ ବି ହଜାର ହଜାର ପରିବାର ଚାଳ କିମ୍ବା କୁଡ଼ିଆ ଘରେ ରହୁଛନ୍ତି। ବାତ୍ୟା ଆସିଲେ ଏହି ପରିବାରଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ନିଆଯାଇଥାଏ। ବିଶେଷକରି ଏହି ବ୍ଲକର ଦଳିତ ବସ୍ତିମାନଙ୍କରେ ପକ୍କାଘର ନ ଥିବା ପରିବାର ଅଧିକ ରୁହନ୍ତି। ସରକାରୀ ଖାତାରେ ସେମାନଙ୍କର ଘର ଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ସେମାନେ ଝାଟିମାଟି ଚାଳଛପର କିମ୍ବା କୁଡ଼ିଆ ଘରେ ରହୁଥିବା ଦେଖିବାକୁ ମିଳିଛି। ସେହିମାନଙ୍କୁ ପକ୍କାଘର ପ୍ରଥମେ ଯୋଗାଇଦେବାକୁ ଗୋପ ଭଳି ଘରକୁ ଘର ସର୍ଭେ କରିବାକୁ ବ୍ଲକର ଦଳିତ ବର୍ଗର ସାମାଜିକ କର୍ମୀ ଘନଶ୍ୟାମ କାଣ୍ଡିଙ୍କ ସମେତ ଦଳିତ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସାମାଜିକ କର୍ମୀ କାଣ୍ଡି ଏକ ପତ୍ର କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲାପାଳ, ବିଡିଓଙ୍କ ନିକଟକୁ ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ଘରକୁ ଘର ବୁଲି ସର୍ଭେ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି କାଣ୍ଡି ଆଶା ପ୍ରକାଶ କରିଛନ୍ତି।

# ସହାୟତାର ହାତ ବଢ଼ାଇଲେ ଇଞ୍ଜିନିୟର ବନ୍ଧୁ

କୋଣାର୍କ,୨୩।୭(ଡି.ଏନ୍.ଏ.)

### ସଂଗ୍ରାମଙ୍କ ପରିବାରକୁ ଦେଲେ ୩ ଲକ୍ଷ

କୋଣାର୍କର ଯୁବ ଖବରଦାତା ସଂଗ୍ରାମ କେଶରୀ ମହାପାତ୍ରଙ୍କ ମେ ୨୩ରେ କରୋନା ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିଲା। ଫଳରେ ତାଙ୍କ ପରିବାର ଦୁଃଖରେ ଭାଙ୍ଗିପଡିଥିଲା। ଶୁକ୍ରବାର ସଂଗ୍ରାମଙ୍କ ପୁରାତନ ଇଞ୍ଜିନିୟରିଂ ବ୍ୟାଚର କେତେଜଣ ବନ୍ଧୁ ତାଙ୍କ ପରିବାରଙ୍କୁ ଭେଟି ସହାୟତାର ହାତ ବଢ଼ାଇଛନ୍ତି। ସଂଗ୍ରାମ ୨୦୦୩ ବ୍ୟାଚର ଇଞ୍ଜିନିୟରିଂ ଛାତ୍ର ଥିଲେ। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ୍‌ରେ ଥିବା ଘନଶ୍ୟାମ ହେମଲତା କଲେଜରେ ସେ ଇଞ୍ଜିନିୟରିଂ ପଢୁଥିବା ସମୟର ତାଙ୍କ ବ୍ୟାଚର ବନ୍ଧୁ ସରୋଜ ଭୋଳ, ସନ୍ତୋଷ ମହାରଣା, ବିକାଶ ଦାଶ, ସୌମେନ୍ଦ୍ର ଦାଶ, ଆଦିତ୍ୟ ଦାଶ ସଂଗ୍ରାମଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ବନ୍ଧୁମାନଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କାର ଚେକ୍ ତାଙ୍କ ଝିଅ ସାଇ ଶାଶ୍ୱତୀଙ୍କୁ ପ୍ରଦାନ କରିଥିଲେ। ସଂଗ୍ରାମଙ୍କ ଝିଅର ଉଚ୍ଚ ଶିକ୍ଷା ପାଇଁ ଏହି ଅର୍ଥ ସେମାନେ ପ୍ରଦାନ କରିଥିଲେ। ଏଥିପାଇଁ ସଂଗ୍ରାମଙ୍କ ପରିବାର ଲୋକେ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ସଂଗ୍ରାମ କେଶରୀ ମହାପାତ୍ରଙ୍କ ଝିଅ ସାଇ ଶାଶ୍ୱତୀଙ୍କୁ ବନ୍ଧୁମାନେ ଚେକ୍ ପ୍ରଦାନ କରୁଛନ୍ତି ।

# ରକ୍ତକର୍କଟରେ ଆକ୍ରାନ୍ତ ୧୨ବର୍ଷର ସୁପ୍ରଭା

ପୁରୀ ଅଫିସ,୨୩।୭

### ସହାୟତା ଅପେକ୍ଷାରେ ପରିବାର ଲୋକେ

ଖେଳିବା କୁଦିବା ବୟସରେ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି ୧୨ ବର୍ଷ ଝିଅ ସୁପ୍ରଭା। ସୁପ୍ରଭା ଦୀର୍ଘ ମାସ ଧରି ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣାରେ ଜୀବନ କାଟୁଛନ୍ତି। ପୁରୀ କୁମ୍ଭାରପଡା ଅବକାଶ ଲେନର ଗଙ୍ଗାମାତା ବଗିଚାର କୃଷ୍ଣଚନ୍ଦ୍ର ପାଣିଙ୍କ ଝିଅ ସୁପ୍ରଭା ପ୍ରିୟଦର୍ଶିନୀ। ଆର୍ଥିକ ସମ୍ବଳ ସ୍ୱଚ୍ଛଳ ନ ଥିବାରୁ ତାଙ୍କ ଚିକିତ୍ସା କରାଇବା ପାଇଁ ପରିବାର ଲୋକ ଅସହାୟ ହୋଇପଡ଼ିଛନ୍ତି। ଏଣୁ ତାଙ୍କ ପରିବାର ଲୋକେ କାହା ସହାୟତାର ସହଯୋଗ ଅପେକ୍ଷାରେ ଚାହିଁ ରାହିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଜୁନ୍‌ରେ ସୁପ୍ରଭାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରବାର ଲୋକେ ଚିକିତ୍ସା ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ୧୦ଦିନ ଚିକିତ୍ସା ହେବା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ୭ ଦିନ ରହି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା।



ମା'ଙ୍କ ନିକଟରେ ସୁପ୍ରଭା ।

ତାଙ୍କର ରକ୍ତ କର୍କଟ ହୋଇଥିବା ଜଣାପଡିବା ପରେ ୭ ମାସ ଧରି ଏମ୍ସରେ ଚିକିତ୍ସିତ ହୋଇଥିଲେ। ସେଠାରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ। ହେଲେ କିଛିଦିନ ପରେ ସୁପ୍ରଭାଙ୍କ ଦେହ ପୁଣି ଅସୁସ୍ଥ ହେବାରୁ ଏମ୍ସ ନିଆଯାଇଥିଲା। ପରୀକ୍ଷା ପରେ ରକ୍ତ କର୍କଟରେ ସେ ଗୁରୁତର ଆକ୍ରାନ୍ତ ହୋଇଥିବା ଡାକ୍ତର ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ତାଙ୍କର କେମୋଥେରାପି ଚିକିତ୍ସା କରାଯାଇଥିଲା। ଏହା ସହ ତାଙ୍କର ବୋନ୍ ମ୍ୟାରୋ (ଅସ୍ଥିମଜ୍ଜା) ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ରକ୍ତ କର୍କଟ ଓ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ଦିଲ୍ଲୀ ଏମ୍‌ସରେ ଚିକିତ୍ସା କରିବା ପାଇଁ ଡାକ୍ତର ସୁପ୍ରଭାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏଥିପାଇଁ ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ତେବେ ସୁପ୍ରଭାଙ୍କ ବାପା ଜଣେ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବାରୁ ତାଙ୍କ ପାଖରେ ଏତେ ଟଙ୍କା ଖର୍ଚ୍ଚ କରିବା ସମ୍ଭବପର ନୁହେଁ। ତେଣୁ ଝିଅର ଚିକିତ୍ସା ପାଇଁ ସେ ସରକାରୀ ସାହାଯ୍ୟ କିମ୍ବା ବ୍ୟକ୍ତିବିଶେଷ ସ୍ତରରେ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି। ତାଙ୍କର ଏସ୍‌ବିଆଇ ଆଉକଣ୍ଟ ନମ୍ବର ୩୩୪୮୦୫୪୨୨୩୬ ଏବଂ ଆଇଏଫସି କୋଡ୍ ଏସବିଆଇଏନ୍୦୦୧୨୦୩୪ ରେ ଆର୍ଥିକ ସହାୟତା ପାଇଁ ସେ ନିବେଦନ କରିଛନ୍ତି। ସରକାର ଓ ଲୋକଙ୍କ ସାମାନ୍ୟ ସାହାଯ୍ୟ ମଧ୍ୟ ୧୨ବର୍ଷ ଝିଅର ଜୀବନ ବଞ୍ଚାଇ ହେବ ବୋଲି ଅନୁରୋଧ କରିଛନ୍ତି।